ନିଜକୁ ପ୍ରଧାନସେବକ କହୁଥିବା ପ୍ରଧାନମନ୍ତ୍ରୀ ୪୧ ଥର ବିଦେଶ ଯିବା ଭିତରେ ଗୌତମ ଆଦାନି ଓ ମୁକେଶ ଅମ୍ବାନି ୧୮ଟି ଦେଶରୁ ବ୍ୟବସାୟିକ ଫାଇଦା ପାଇଛନ୍ତି। ଏଥିରୁ ଆଦାନୀ ଭାଗରେ ୧୩ ଓ ଅମ୍ବାନି ଭାଗରେ ୫ଟି ପଡ଼ିଛି।

**-ପ୍ରିୟଙ୍କା ଗାନ୍ଧୀ, କଂଗ୍ରେସ ନେତ୍ରୀ**

**ତ୍ରିମତ** ଖୋଲାରେ ଶୌଚ ଓଡ଼ିଶାରେ ଅଧିକ

# କାହିଁକି ରାଜ୍ୟରେ ସଫଳ ହେଉନି ସ୍ୱଚ୍ଛଭାରତ ?

**ସ୍ୱଚ୍ଛତାକୁ ଆଉ ଗୋଟିଏ ପାଦ ଆଗକୁ ନେବା ଲାଗି ଆରମ୍ଭ ହୋଇଥିବା ଭାରତ ସରକାରଙ୍କ ସ୍ୱଚ୍ଛତା ମିଶନ କିନ୍ତୁ ଓଡ଼ିଶାରେ ଆଗକୁ ବଢ଼ିପାରୁ ନାହିଁ। ଭାରତ ସରକାରଙ୍କ ପିଇବା ପାଣି ଓ ପରିମଳ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ରାଜ୍ୟର ମାତ୍ର ୨୯ଟି ବ୍ଲକ୍‌କୁ ଖୋଲା ଶୌଚମୁକ୍ତ ବ୍ଲକ୍ ବୋଲି ଘୋଷଣା କରାଯାଇପାରିଛି। ପୁଣି ଏଥିରୁ କେବଳ ୯ଟି ବ୍ଲକ୍‌ର ଏହି ଘୋଷଣା ସତ୍ୟ ବୋଲି ପ୍ରମାଣିତ ହୋଇପାରିଛି। ପୁଣି ଦେଶର ସମୁଦାୟ ୮୨ ପ୍ରତିଶତ ଗାଁ ଖୋଲା ଶୌଚମୁକ୍ତ ଗାଁ ଭାବେ ପରିଚିତ ହୋଇଥିବାବେଳେ ଆମ ରାଜ୍ୟର ୩୨ହଜାର ୨୩୭ ଗାଁର ଲୋକେ ଆଜି ବି ପଡ଼ିଆରେ ଝାଡ଼ା ଫେରୁଛନ୍ତି। ସେମାନଙ୍କ ପାଖରେ ନିଜସ୍ୱ ପାଇଖାନା ପହଞ୍ଚି ପାରିନାହିଁ। ମନ୍ତ୍ରଣାଳୟର ହିସାବ ଅନୁସାରେ ରାଜ୍ୟର ସମୁଦାୟ ୪୭ହଜାର ୬୭୫ ଗାଁ ଭିତରୁ ମାତ୍ର ୧୫ହଜାର ୪୩୮ ଗାଁରେ ଶତପ୍ରତିଶତ ପାଇଖାନା ବ୍ୟବସ୍ଥା ହୋଇପାରିଛି। ଏହା ସମୁଦାୟ ଗାଁ ସଂଖ୍ୟାର ମାତ୍ର ୩୨ ପ୍ରତିଶତ। ଏହାଦ୍ୱାରା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବର୍ଷିକୀରେ ସାରା ରାଜ୍ୟକୁ ଶତପ୍ରତିଶତ ଖୋଲା ଶୌଚମୁକ୍ତ କରାଯିବା ପ୍ରସଙ୍ଗ ରାଜ୍ୟରେ ଅନିଶ୍ଚିତତା ଭିତରକୁ ପ୍ରବେଶ କରିଛି।**

## ରାଜନୀତିକ ଅସୂୟା ଭାବ ରହୁଛି

**ରାଜାରାମ ଶତପଥୀ**
**ସାମ୍ବାଦିକ**

ସ୍ୱଚ୍ଛତା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥାଇପାରେ, କିନ୍ତୁ ଏଥିରେ ସାଧାରଣ ଲୋକଙ୍କ ଦାୟିତ୍ୱ ଯଥେଷ୍ଟ। ସ୍ୱଚ୍ଛ ନରହିଲେ ଆମେ କ୍ଷତିଗ୍ରସ୍ତ ହେବା ସହ ଅନ୍ୟମାନଙ୍କ ଦୃଷ୍ଟିରେ ତଳକୁ ଖସିଯିବା। ଆମେ ଯଦି ନିଜେ ପରିଷ୍କାର ନରହିବା, ଗାଁକୁ ଓ ସହରକୁ ସ୍ୱଚ୍ଛ ନରଖିବା ତେବେ ପୃଥିବୀ ସାରା ଲୋକେ ଆମକୁ ଦେଖି ହସିବେ। ସେଥିଲାଗି କେନ୍ଦ୍ର ସରକାର ଏହାକୁ ଫ୍ଲାଗଶିପ୍ କାର୍ଯ୍ୟକ୍ରମ ଭାବେ ଆରମ୍ଭ କରିଛନ୍ତି। କିନ୍ତୁ ଓଡ଼ିଶା ଚିତ୍ରକୁ ଦେଖିଲେ ଜଣାପଡୁଛି ଯେ, ପରିଷ୍କାର ରହିବା ଆମର ଏକ ଦାୟିତ୍ୱ ବୋଲି ଆମେ ହେଜିପାରୁ ନାହୁଁ। ମନ ଭିତରେ ଭାବି ନେଇଛୁ ଯେ, ଏହା ସରକାରଙ୍କ ଦାୟିତ୍ୱ ସରକାର ଏହାକୁ କରିବେ। କିନ୍ତୁ ଏହା ଠିକ୍ ନୁହେଁ। ହେଲେ ଲୋକଙ୍କ ମନରେ ଏ ଭ୍ରାନ୍ତ ଧାରଣାକୁ ଦୂର କରିବା ହେଉଛି ସରକାରଙ୍କ ଦାୟିତ୍ୱ। ସ୍ୱଚ୍ଛତାକୁ ଜନ ଆନ୍ଦୋଳନର ରୂପ ସରକାରୀ କଳ ହିଁ ସହଜରେ କରିପାରିବ। ହେଲେ ଓଡ଼ିଶାରେ ତାହା ବିଫଳ ରହିଛି। ଏଣୁ ସର୍ବଭାରତୀୟ ସ୍ତରରେ ଓଡ଼ିଶା ସବୁଠାରୁ ଖରାପ ପ୍ରଦର୍ଶନ କରୁଛି।

ଆମେ ପରିଷ୍କାର ରହିବା ପାଇଁ ଏତେ ବିମୁଖ ଯେ, ଆମ ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିରର ବେଢ଼ା ଏଥିରୁ ବର୍ତ୍ତିପାରୁ ନାହିଁ। ଶ୍ରୀମନ୍ଦିରର ଅନେକ ସ୍ଥାନ ଏପରି ପାନଛେପରେ ଭାସୁଛି ଯେ ଆମେ ସେଠାରେ ବସିବା ପାଇଁବି ଘୃଣା କରୁଛୁ। ରାସ୍ତାରେ ଗଲାବେଳକୁ ଆମେ ଦେଖିଛୁ ଯେ ଓଡ଼ିଶାର ଅନେକ ଗାଁରେ ରାସ୍ତା ଉପରେ ମଳତ୍ୟାଗ କରୁଛନ୍ତି। ସେମାନେ ଚାହିଁଲେ ନିଜସ୍ୱ ପାଇଖାନା ସ୍ଥାପନ କରି ପରିବେଶକୁ ସ୍ୱଚ୍ଛ କରିପାରିବେ। ଏରୋଗ ସହରରେ ବି ରହିଛି। ଏଥିରେ ନିଶ୍ଚିତଭାବେ ଏକ ରାଜନୀତିକ କାରଣ ରହିଛି। ଓଡ଼ିଶା ସରକାରଙ୍କ ଅସୂୟା ଭାବ ରହୁଛି। କାରଣ ସେମାନେ ଧରି ନେଇଛନ୍ତି ଯେ ଯଦି କେନ୍ଦ୍ର ସରକାରଙ୍କ କୌଣସି ଯୋଜନାକୁ ସଫଳ ଭାବେ ରୂପାୟନ କରାଯାଇପାରେ ତେବେ ତାହା ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ହାତକୁ ଜନମତକୁ ପ୍ରଭାବିତ କରିବାରେ ସହାୟକ ହେବ! ତାହାକୁ ନେଇ ସେମାନେ ଭୟ କରୁଛନ୍ତି। ଏସବୁ ଭିତରେ ବଡ଼କଥା ହେଲା, ସ୍ୱଚ୍ଛଭାରତର ସଫଳତା ଲାଗି ଲୋକଙ୍କ ସଚେତନତା ବଡ଼କଥା।

## ନିୟମିତ ଗ୍ରାମସଭା ଆବଶ୍ୟକ



**ଶଶିଭୂଷଣ ରଥ**
ଶିକ୍ଷାବିତ

ଆମେ ପଛରେ ପଡ଼ିଛୁ, ଏଥିଲାଗି ସଚେତନତା ଅଭାବ ହିଁ ମୁଖ୍ୟ କାରଣ। ଅପରପକ୍ଷେ ଲୋକଙ୍କ ଭାଗିଦାରୀକୁ ବଢ଼ା ନଯିବା ଏକ ପ୍ରମୁଖ ସମସ୍ୟା ଭାବେ ଏଥିରେ ମୁଣ୍ଡ ଟେକିଛି। ଲୋକଙ୍କୁ ଯେଉଁ ପର୍ଯ୍ୟନ୍ତ ଆମେ ସାମିଲ୍ କରିନାହୁଁ ସେପର୍ଯ୍ୟନ୍ତ କୌଣସି ଯୋଜନା ସଫଳ ହେବ ନାହିଁ। ଏଣୁ ପ୍ରଥମ ଆବଶ୍ୟକତା ହେଉଛି ଗାଁ ଗାଁରେ ବିଭିନ୍ନ ସମୟରେ ପରିମଳ ଓ ପାଇଖାନା ସମ୍ପର୍କରେ ଗ୍ରାମସଭା କରାଯାଉ। ଆମ ଗାଁରେ କାହିଁକି ପରିମଳ ବ୍ୟବସ୍ଥା ଆପଣାଯାଇ ପାରି ନାହିଁ, ଆମ ଗାଁରେ କାହିଁକି ଲୋକେ ବାହାରେ ମଳତ୍ୟାଗ କରିବେ ସେ ନେଇ ଆଲୋଚନା ହେଉ। ଏହାକୁ ଏକ ଅପ୍ରସଙ୍ଗ ଭାବେ ଗ୍ରହଣ କରିବା ବନ୍ଦ କରି ଯଦି ଆମେ ଅତି ଆବଶ୍ୟକୀୟ ପ୍ରସଙ୍ଗ ଭାବେ ନେବା ତେବେ ଆମେ ସଫଳତା ପାଇବା।

ସାଧାରଣତଃ ରେଳଧାରଣାର ଉଭୟ ପାର୍ଶ୍ୱରେ ଥିବା ଗାଁ ଲୋକମାନେ ଧାରଣା କଡ଼କୁ ପାଇଖାନା ଭାବେ ବ୍ୟବହାର କରନ୍ତି। ରେଳ ଧାରଣା କଡ଼ରେ ବସ୍ତିସବୁ ବିକାଶ ହୋଇଥାଏ। ସେମାନଙ୍କ ପାଇଁ ବସ୍ତିରେ ପାଇଖାନା ଏବଂ ପାଣି ବ୍ୟବସ୍ଥା ନଥାଏ। ଏଣୁ ସେମାନେ ଖୋଲାରେ ଶୌଚକୁ ଗ୍ରହଣ କରିନିଅନ୍ତି। ଏହି ଅଭ୍ୟାସରୁ ସେମାନଙ୍କୁ ବିରତ କରିବା ପାଇଁ ଅନେକ ଏନ୍‌ଜିଓ ସେଠାରେ କାର୍ଯ୍ୟକରୁଛନ୍ତି। କିଛିବର୍ଷ ତଳେ ସରକାରଙ୍କ ଗ୍ରାମୀଣ ପାନୀୟଜଳ ଓ ପରିମଳ ବିଭାଗ ଏଥିଲାଗି ସହାୟତା କରୁଥିଲା। ଲୋକଙ୍କ ଭାଗିଦାରୀରେ ଅନେକ ପ୍ରକଳ୍ପ ନିର୍ମାଣ ପାଇଁ ଯୋଜନା କରିଥିଲା। କିନ୍ତୁ ତାହା ଅଧାପନ୍ତରିଆ ହେଲା। କେଉଁଠି ତିଆରି ସରିଲେ ଲୋକ ବ୍ୟବହାର କଲେନି ତ କେଉଁଠି ତିଆରି ହୋଇପାରିଲା ନାହିଁ। ଏହି ବ୍ୟବସ୍ଥା ଅନୁସାରେ ସରକାର ନିର୍ମାଣ କରୁଥିଲେ ଏବଂ ଗାଁ ଲୋକେ ତାହାକୁ ଏକାଠି ହୋଇ ରକ୍ଷଣାବେକ୍ଷଣ କରୁଥିଲେ। ହେଲେ କିଛି ଗାଁରେ ସେଥିଲାଗି ପାଣ୍ଠି ସଂଗ୍ରହ ହୋଇପାରିଲା ନାହିଁ। ଏଣୁ ଯଦି ଗାଁ ଲୋକଙ୍କ ଭାଗିଦାରୀ ବଢ଼ାଯାଇପାରନ୍ତା, ସେମାନଙ୍କ ପଞ୍ଚାୟତ ଏହାକୁ ଗୁରୁତ୍ୱ ଦିଅନ୍ତେ ତେବେ ଏ ମିଶନ ଆଗକୁ ବଢ଼ି ଚାଲନ୍ତା। ଏନେଇ ଲୋକଙ୍କ ଭିତରେ ସଚେତନତା ଯେ ଆସିନାହିଁ, ତାହା ନୁହେଁ। ରାଜ୍ୟର ଅନେକ ଅଞ୍ଚଳର ଲୋକ ଏନେଇ ଆଗଭର ହୋଇଛନ୍ତି। ତେବେ ଆହୁରି ଅନେକ ବାଟ ବାକି ରହିଛି।

## ଉଦ୍ୟମ ଶକ୍ତ ନାହିଁ, ଫଳ କେମିତି ହେବ

**ଜୟକୃଷ୍ଣ ପାଣିଗ୍ରାହୀ**
ପରିବେଶବିତ

ସ୍ୱଚ୍ଛ ଭାରତ ମିଶନରେ ସଫଳତା ପାଇବା ପଛରେ ଶିକ୍ଷା ଏବଂ ସଚେତନତା ଦୁଇଟି କାରଣ ମୁଖ୍ୟ ବାଧକ ଭାବେ ଆମ ଆଗରେ ଠିଆ ହୋଇଛନ୍ତି। ଯେଉଁ ଅଞ୍ଚଳରେ ଯେତେ ନିରକ୍ଷର, ଯେତେ ଗରିବ ସେଠାରେ ପରିମଳ ବ୍ୟବସ୍ଥା ସେତେ ବିପର୍ଯ୍ୟସ୍ତ। ଏଣୁ ସବୁ ଲୋକଙ୍କ ପାଖରେ ପରିମଳ ଓ ସ୍ୱଚ୍ଛତାର ବାର୍ତ୍ତା ପହଞ୍ଚିବା ଦରକାର। ଏଥିଲାଗି ଉଦ୍ୟମ ଅନେକ ଦିଗରୁ ହେବା ଆବଶ୍ୟକ। କିନ୍ତୁ ସେ ଉଦ୍ୟମ ନହେବାପରି ଅନୁଭବ ହେଉଛି। ଅର୍ଥାତ୍ ଲୋକଙ୍କ ପାଖରେ ସରକାରଙ୍କ କାର୍ଯ୍ୟକ୍ରମ ପହଞ୍ଚିପାରୁନାହିଁ ବା ଯେଉଁ ଅଧିକାରୀଙ୍କ ଉପରେ ଏହି କାର୍ଯ୍ୟ ନ୍ୟସ୍ତ ସେମାନେ ତାଙ୍କ କାମକୁ ଠିକଣା ଭାବେ ରୂପାୟନ କରୁନାହାନ୍ତି। ଏହି କ୍ରମରେ ଆମେ କହିପାରିବା ଯେ, ଯଦି ଶତପ୍ରତିଶତ ଉଦ୍ୟମ ହେଉନାହିଁ ତେବେ ଶତ ପ୍ରତିଶତ ସଫଳତା କାହିଁକି ଆଶା କରିବା? ଏଣୁ ଆମର ମୁଖ୍ୟ କାର୍ଯ୍ୟ ହେଉଛି ସଚେତନତାର ବାର୍ତ୍ତା ବାଣ୍ଟିବା। କାହିଁକି ଆମକୁ ନିର୍ଦ୍ଦିଷ୍ଟ ପାଇଖାନାରେ ମଳତ୍ୟାଗ କରିବା ଦରକାର ଏବଂ ଖୋଲାରେ ମଳତ୍ୟାଗ କଲେ କି ଅସୁବିଧା ହୁଏ ତାହା ଲୋକଙ୍କ ପାଖରେ ପହଞ୍ଚାଇବା ଆବଶ୍ୟକ। ଯଦି ଲିଫ୍‌ଲେଟ୍ ମାଧ୍ୟମରେ ଏଥିଜନିତ ହେଉଥିବା ରୋଗଗୁଡ଼ିକର ତାଲିକାକରି ଆମେ ଲୋକଙ୍କ ହାତରେ ସିଧାସଳଖ ପହଞ୍ଚାଇବା ଏବଂ ସେମାନଙ୍କୁ ବାରମ୍ବାର ଏ ବାବଦରେ ଅବଗତ କରିବା ତେବେ ସଫଳତା ପାଇବା।

ଅନେକ ସମୟରେ ଆମେ ବ୍ୟକ୍ତିଗତ ପାଇଖାନା ସ୍ଥାପନ କରିଥିଲେ ମଧ୍ୟ ତାହା ବ୍ୟବହାର ହେଉ ନଥିବା ଦେଖୁଛୁ। ଏହାର କାରଣ ହେଉଛି ତାଙ୍କୁ ସଚେତନ ନକରି ଆମେ ବ୍ୟବସ୍ଥା ଯୋଗାଇଦେଉଛୁ। ଫଳରେ ସେମାନେ ପୂର୍ବ ଅଭ୍ୟାସକୁ ଫେରୁଛନ୍ତି। ଏହି ବିଫଳତା ପଛରେ ରାଜନୀତିକ ଭୂମିକା ରହିବା ଉଚିତ ନୁହେଁ। ଏଥିରେ ସମାଜର ବିକାଶ କଥା ରହିଛି। ଏଣୁ ପାର୍ଟି ପଲିଟିକ୍ସ ଭୂମିକା କାହିଁକି ରହିବ? ଆମେ ସମସ୍ତ ରାଜନୀତିକ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବା ଦରକାର। ସ୍ୱଚ୍ଛତା କ'ଣ ଓ କାହିଁକି ଲୋଡ଼ା, ସେ ସମ୍ପର୍କରେ ନିଜକୁ ହିଁ ହୃଦୟଙ୍ଗମ କରିବାକୁ ପଡ଼େ। ତେବେ ଆମ ରାଜ୍ୟ ପରିପ୍ରେକ୍ଷୀରେ ଏଥିପାଇଁ ସଚେତନତା ଆହୁରି ତୀବ୍ର ଓ ବ୍ୟାପକ କରାଯିବା ଦରକାର। କାରଣ ଏହା ଯେତେ ସରକାରୀ, ସେତେ ବ୍ୟକ୍ତିଗତ କାର୍ଯ୍ୟକ୍ରମ।

**ଆପଣ ଏ ପ୍ରସଙ୍ଗରେ ଇ-ମେଲ୍ platform@nitidin.com ଜରିଆରେ ନିଜର ମତାମତ ଦେଇପାରିବେ।**

**ପ୍ରସ୍ତୁତି : ହରିହର ପଣ୍ଡା**

**ଟ୍ୱିଟ୍** @nitidintoday



ମୋଦିଜୀ, ଆପଣ ମୋ ଘର ସମେତ ସତ୍ୟେନ୍ଦ୍ର ଓ ମନୀଷଙ୍କ ଘର ଉପରେ ରେଡ୍ କରାଇ ଥିଲେ? ତା'ର ଫଳ କ'ଣ ହେଲା? ସେମାନେ ବାଛିଥିବା ସରକାରର ପ୍ରତିନିଧିଙ୍କ ଘର ଉପରେ ଆଉ ଥରେ ରେଡ୍ କରିବା ଆଗରୁ ଦିଲ୍ଲୀବାସୀଙ୍କୁ କ୍ଷମା ମାଗନ୍ତୁ।

**-ଅରବିନ୍ଦ କେଜ୍ରିୱାଲ୍**
**ଦିଲ୍ଲୀ ମୁଖ୍ୟମନ୍ତ୍ରୀ**

ଏକଦା ଜବାହରଲାଲ ନେହରୁ ବିଶ୍ୱ ବିଦ୍ୟାଳୟରେ ଦେଶବିରୋଧୀ ନାରା ଦେଉଥିବା ଗୋଷ୍ଠୀଙ୍କ ପଛରେ ଠିଆ ହୋଇଥିବା କଂଗ୍ରେସ ଏବେ ଦେଶକୁ ଭାଗଭାଗ କରିବା ଚକ୍ରାନ୍ତ ଚଳାଇଛି।

**-ପ୍ରକାଶ ଜାବଡେକର, କେନ୍ଦ୍ରମନ୍ତ୍ରୀ**



ଯଦି ଆପଣଙ୍କର ଜଣେ ସଜାଗ ଓ ସଚେତନ ବନ୍ଧୁ 'ମି ଠୁ' (ମୁଁ ମଧ୍ୟ) ଅଭିଯାନରେ ଦୋଷୀ ସାବ୍ୟସ୍ତ ହୁଏ, ତା'ହେଲେ ଆପଣ ବା କ'ଣ କରି ପାରିବେ?

**-ଶେଖର ଗୁପ୍ତା, ବରିଷ୍ଠ ସାମ୍ବାଦିକ**

ଯେତେବେଳେ ତଥାକଥିତ ନେତାମାନେ ସେମାନଙ୍କ ଭାଷା ଦ୍ୱାରା ହିଂସାକୁ ଆଇନସିଦ୍ଧ କରିବା କାମରେ ଲାଗିଛନ୍ତି, ସେତେବେଳେ ସମାଜଠାରୁ ଆମେ ଆଉବା କ'ଣ ଆଶା କରିପାରିବା?

**-ସାଗରିକା ଘୋଷ, ବରିଷ୍ଠ ସାମ୍ବାଦିକ**



'ମି ଠୁ' ଅଭିଯାନ ବଲିଉଡ୍‌କୁ ସୁରକ୍ଷିତ କରିବ। ଏହାଦ୍ୱାରା ଇଣ୍ଡଷ୍ଟ୍ରିରେ ସକରାତ୍ମକ ପରିବର୍ତ୍ତନ ଆସିବ।

**-ଅନୁରାଗ ବସୁ**
**ନିର୍ଦ୍ଦେଶକ**



ମୋଦୀଜୀ, ଜାତିଧର୍ମକୁ ନେଇ ଲୋକଙ୍କୁ ଭାଗଭାଗ କରି ଭୋଟବ୍ୟାଙ୍କ ରାଜନୀତି କରୁଥିବା ଲୋକଙ୍କ ମାନସିକତାକୁ ଗୋଟେ ଟ୍ୱିଟ୍ ସଜାଡ଼ିଦେଇପାରିବ ନାହିଁ। ଆପଣଙ୍କ ଅନ୍ୟାୟରେ ତ୍ରସ୍ତ ଚାଷୀ ଜାତି ପ୍ରସଙ୍ଗରେ ଆପଣଙ୍କ ସହିତ କେବେ ରହିବେ ନାହିଁ।

**-ରଣଦୀପ୍ ସିଂ ସୁର୍‌ଜେୱାଲା, କଂଗ୍ରେସ ନେତା**

**ଖୋଲା ମଞ୍ଚ**

## ନାରୀ ପ୍ରତି ମାନସିକତା ବଦଳୁ

**ପ୍ରଜ୍ଞା ପାରମିତା ସାହୁ**, ଶିକ୍ଷୟିତ୍ରୀ

ପୁରୁଷ ପ୍ରଧାନ ସମାଜରେ ନାରୀର ବେଶଭୂଷା ଉପରେ ସମସ୍ତଙ୍କର ନଜର। ତା'ର ବସିବା, ଉଠିବା, ଚାଲିବା, ଅଙ୍ଗଭଙ୍ଗୀ, ଚାହାଣୀକୁ ନେଇ ସର୍ବଦା ଥଟ୍ଟା ମଜା, ଟାହିଟାପରା ଓ ସମାଲୋଚନା କରାଯାଏ। କେବଳ ଏତିକି ନୁହେଁ, ଅନେକ ସମୟରେ ଆମ ଉଚ୍ଚଶିକ୍ଷିତ ଓ ଆଧୁନିକ ସମାଜରେ ଅନବରତ ଘଟୁଥିବା ଦୁଷ୍କର୍ମ ପଛରେ ନାରୀକୁ ତା' ପୋଷାକ ପାଇଁ ଦୋଷୀ ସାବ୍ୟସ୍ତ କରାଯାଏ। ନାରୀଟି ଯେପର୍ଯ୍ୟନ୍ତ ଦୁର୍ବଳା ଭଳି ମୁହଁ ଚୁପ୍ କରିଥାଏ, ସେ ପର୍ଯ୍ୟନ୍ତ ତାକୁ ଆଦର୍ଶର ମୁକୁଟ ପିନ୍ଧାଯାଏ। ଆଉ ସେହି ନାରୀ ଅନ୍ୟାୟର ପ୍ରତିବାଦ କଲେ ଉଦ୍ଧତ, ଉଦଣ୍ଡି କହି ସମ୍ବୋଧିତ କରାଯାଏ। ନାରୀ ହାତରେ ଯେଉଁମାନଙ୍କୁ କେବଳ ଝାଡୁ, ଖଡ଼ିକା ବା ପନିକି ଧରିଥିବା ଦିଶେ, ସେମାନଙ୍କୁ କାହିଁକି ତା' ହାତରେ ଥିବା କଲମ, ଲାପଟପ୍, ମେଡ଼ାଲ ଓ ଷ୍ଟେଥୋସ୍କୋପ, ଦେଖାଯାଏ ନାହିଁ? ଏହି ଶ୍ରେଣୀର ଲୋକ ନାରୀ ପାଦର ଅଳତା, ପାଉଁଜି ଖୋଜିବା ବଦଳରେ ବୁଟ୍, ହାଇହିଲ୍ ପିନ୍ଧା ପାଦର ଗତିପଥକୁ ଲକ୍ଷ୍ୟ କରିବା ଦରକାର। ନାରୀଟିଏ ନିଜକୁ ଷୋହଳ ଶୃଙ୍ଗାରରେ ସଜାଇ ମଥାରେ ଓଢ଼ଣି ଦେଇ ମୁହଁ ତଳକୁ କରି ବାଟ ଚାଲିବ ନା ମଥାରେ ଡିଗ୍ରୀର ମୁକୁଟ ପିନ୍ଧି ନଜର ଉଠାଇ ବାଟ ଚାଲିବ, ଏ ନିଷ୍ପତ୍ତି ସମ୍ପୂର୍ଣ୍ଣ ରୂପେ ତା'ର ନିଜସ୍ୱ। ତେଣୁ ନାରୀର ବେଶ-ପରିପାଟୀ ଓ ଦୋଷଗୁଣ ଖୋଜାରେ ମାତିଥିବା ମାନସିକ ରୋଗୀମାନେ ଚିନ୍ତାଧାରା ବଦଳାଇବାର ପ୍ରୟାସ କଲେ ଭଲ ହେବ। ନଚେତ୍ ଦିନେ ନା ଦିନେ ସେମାନେ ପରିଚୟ ଓ ସତ୍ତା ହରାଇ ଅନ୍ଧାରରେ ରାସ୍ତା ଖୋଜୁଥିବେ।



**ଦେଶରେ 'ମି ଠୁ' (ମୁଁ ମଧ୍ୟ) ଅଭିଯାନ ଏବେ ଜୋର୍ ଧରିଛି। ବଡ଼ବଡ଼ ସାମ୍ବାଦିକ, ନିର୍ଦ୍ଦେଶକ ଓ ଅନ୍ୟମାନଙ୍କ ବିରୋଧରେ ମହିଳାମାନେ ଖୋଲାଖୋଲି ଅସଦାଚରଣ ଅଭିଯୋଗ ଆଣିସାରିଛନ୍ତି। ଏହାକୁ ନେଇ ପ୍ରସିଦ୍ଧ କାର୍ଟୁନିଷ୍ଟ କେଶବଙ୍କର ଏହି ବ୍ୟଙ୍ଗଚିତ୍ର। (ସୌଜନ୍ୟ : ଦ ହିନ୍ଦୁ)**

**ମୋ ମତରେ**

## ଦାମଙ୍କ ଭାଗ୍ୟ ପରୀକ୍ଷା

**ମାନସ ବୈରିଶଲ୍ୟ**, ବ୍ଲଗର୍

ବିଜେଡ଼ିରୁ ବହିଷ୍କୃତ ହେବାର ମାସକ ପରେ ବରିଷ୍ଠ ନେତା ଡାକ୍ତର ଦାମୋଦର ରାଉତ 'ସ୍ୱାଭିମାନ ସମାବେଶ' ନାଁରେ ଆଗାମୀ ଦିନରେ ନିଜ ଶକ୍ତି ପ୍ରଦର୍ଶନ କରିବେ। ଏଥର ସେ ନିଜ ନିର୍ବାଚନମଣ୍ଡଳୀ ପାରାଦୀପ ପରିବର୍ତ୍ତେ ତାଙ୍କ ପୁରୁଣା ସ୍ଥାନ ଏରସମାକୁ ବାଛିଛନ୍ତି। ଏହି ସମାବେଶରେ ହିଁ ସେ ନିଜ ଭବିଷ୍ୟତ ରାଜନୀତିକ କାର୍ଯ୍ୟପନ୍ଥା ଘୋଷଣା କରିବେ ବୋଲି ସୂଚନା ମିଳିଛି। ଦଳରୁ ବହିଷ୍କୃତ ହେବା ପରେ ନିଜ ଜିଲ୍ଲାରେ ଏହା ତାଙ୍କର ପ୍ରଥମ ବଡ଼ ଧରଣର କାର୍ଯ୍ୟକ୍ରମ ହୋଇଥିବାରୁ ଏହାକୁ ସଫଳ କରିବା ପାଇଁ ସେ ଜୋରଦାର ପ୍ରୟାସ ଚଳାଇଛନ୍ତି। ଦାମଙ୍କ ଏହି 'ସ୍ୱାଭିମାନ ସମାବେଶ'କୁ ନେଇ ଜିଲ୍ଲା ବିଜେଡ଼ିରେ କମ୍ପନ ସୃଷ୍ଟି ହୋଇଛି। ତାଙ୍କୁ ମାତ୍ ଦେବା ପାଇଁ ତାଙ୍କ ନିର୍ବାଚନମଣ୍ଡଳୀ ପାରାଦୀପର କୁଜଙ୍ଗଠାରେ ଗତ ସେପ୍ଟେମ୍ବର ୩୦ରେ ବିଜେଡି ଏକ ବିଶାଳ ସମାବେଶ କରି ନିଜ ଶକ୍ତି ପ୍ରଦର୍ଶନ କରି ସାରିଛି। ଡାକ୍ତର ରାଉତଙ୍କ ସମାବେଶ ମାଧ୍ୟମରେ ତାଙ୍କ ପ୍ରତି କେଉଁମାନଙ୍କ ସମର୍ଥନ ରହିଛି ଓ ବିଜେଡିରେ ଥିବା ତାଙ୍କ ସହଯୋଗୀମାନେ ଏହି ସମାବେଶରେ ସାମିଲ ହୋଇ ସିଧାସଳଖ ତାଙ୍କୁ ସମର୍ଥନ କରିବେ କି ନାହିଁ, ତାକୁ ନେଇ ମଧ୍ୟ ଅନିଶ୍ଚିତତା ଲାଗି ରହିଛି। ଏତଦ୍‌ବ୍ୟତୀତ ସେ ଚାଣକ୍ୟ ନୀତି ଆପଣାଇ ସମସ୍ତ ସମାବେଶରେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ମୁଖ୍ୟ ପ୍ରସଙ୍ଗ କରି ନବୀନ ସରକାରକୁ ଘେରିବା ପାଇଁ ଏକଦମ୍ ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି।

**ଓପିନିଅନ୍ ପୋଲ୍**

## ଆଜିର ପ୍ରଶ୍ନ ?

**ପ୍ରଶ୍ନ : କାହିଁକି ରାଜ୍ୟରେ ସଫଳ ହେଉନି ସ୍ୱଚ୍ଛଭାରତ ?**

ଯଦି ଆପଣଙ୍କ ଉତ୍ତର ହଁ ତେବେ ଆମକୁ Y ଲେଖି ଇ-ମେଲ୍ କରନ୍ତୁ।
ଯଦି ନା ତେବେ N ଲେଖି ଇ-ମେଲ୍ କରନ୍ତୁ।

*ଗତ ଥରର ପ୍ରଶ୍ନ :*
**ଯୌନ ଶୋଷଣ ଅଭିଯୋଗର ସମୟସୀମା ଅନାବଶ୍ୟକ କି ?**



**ନିତିଦିନ**
ମାର୍ଫତ : ନ୍ୟୁ ଏଜ୍ ମିଡିଆ ଆଣ୍ଡ ପବ୍ଲିକେସନ୍ସ୍ ପ୍ରାଇଭେଟ୍ ଲିମିଟେଡ୍
ସେଡ୍ ନଂ : ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର-ଏ
ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦
email: nitidinedit@gmail.com

**ସୋସିଆଲ୍ ମିଡିଆରୁ**

## ତାତିଲାଣି ତୈଳଦର

ଲଗାତର ତୈଳଦର ବୃଦ୍ଧି ହେବା ଯୋଗୁଁ ଆମ ଦୈନନ୍ଦିନ ଜୀବନରେ ଅନେକ ପ୍ରଭାବ ଦେଖିବାକୁ ମିଳିଛି। ପ୍ରଥମତଃ ଯୁବକଙ୍କ ପକେଟ ମନି ଉପରେ ଏହାର ସିଧାସଳଖ ମାଡ଼ ପଡ଼ିଛି। କାରଣ ପକେଟ ମନି ଆଗରୁ ଯେତିକି ମିଳୁଥିଲା ଏବେ ବି ସେତିକି ମିଳୁଛି। ପରିବହନ ବାବଦକୁ ୧୦୦୦ ବଦଳରେ ୧୫୦୦ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ମନରେ ପ୍ରଶ୍ନ ଆସୁଛି, ଯଦି ଅନ୍ତର୍ଜାତୀୟ ତୈଳ ବ୍ୟାରେଲ ପିଛା ୬୫ ଡଲାର, ତେବେ ଖୁଚୁରା ଖାଉଟିମାନେ କାହିଁକି ହନ୍ତସନ୍ତ ହେଉଛନ୍ତି? ପେଟ୍ରୋଲିୟମ ପଦାର୍ଥକୁ କ'ଣ ପାଇଁ ଜିଏସ୍‌ଟିର ଅନ୍ତର୍ଭୁକ୍ତ କରାଯାଉନାହିଁ? କେନ୍ଦ୍ର ସମେତ ୨୧ଟି ରାଜ୍ୟରେ ବିଜେପି ସରକାର ଥିବା ସତ୍ତ୍ୱେ ଏମାନେ ତୈଳଦର କମାଇବାରେ ଅସମର୍ଥ। ଏଭଳି ସ୍ଥିତିରେ ସବୁ ରାଜ୍ୟ ସହ ବୈଠକ ମାଧ୍ୟମରେ ଆଲୋଚନା କରି ଗୋଟିଏ ଟ୍ୟାକ୍ସରେ ଅନ୍ତର୍ଭୁକ୍ତ କରାଯାଇ ପାରନ୍ତା। ତେବେ ବଡ଼କଥା ହେଲା, କେନ୍ଦ୍ର ସରକାରଙ୍କର ସାଧାରଣ ଜନତାଙ୍କ ପ୍ରତି ଆନ୍ତରିକତାର ଅଭାବ ରହିଛି। ଅଥଚ ତୈଳ କମ୍ପାନୀ ଏଥିରୁ ବିପୁଳ ମାତ୍ରାରେ ଲାଭ ଉଠାଉଛନ୍ତି। ତୈଳ କମ୍ପାନୀଙ୍କୁ ପୋଷି ସରକାର ସାଧାରଣ ଜନତା ଉପରେ ଅଯଥା ଦାଉ ସାଧୁଛନ୍ତି।

**ରଞ୍ଜୁ ପାଣି, ବ୍ଲଗର୍**

## ନିର୍ଯ୍ୟାତନା କ'ଣ ନୂଆକଥା ?

ଅଭିନେତ୍ରୀ ତନୁଶ୍ରୀ ଦତ୍ତା 'ମି ଠୁ'ରେ ତାଙ୍କ ପ୍ରତି ହୋଇଥିବା ଅସଦାଚରଣ ଅନୁଭୂତି ବର୍ଣ୍ଣନା କରିବା ପରେ ଜଣକ ପରେ ଜଣେ ମହିଳା ସେମାନଙ୍କ କାହାଣୀ ଖୋଲାଖୋଲି କହିଚାଲିଛନ୍ତି। ତେବେ କାଷ୍ଟିଂ କାଉଚ୍ କଳଙ୍କ ବଲିଉଡ୍‌ରେ ନୂଆ ନୁହେଁ। ଅତୀତରେ ବହୁ ନାଁକରା କଳାକାର ଏଭଳି ତିକ୍ତ ଅଭିଜ୍ଞତା ବଖାଣିଛନ୍ତି। ହେଲେ ଏବେ କେବଳ କଳାକାର ନୁହନ୍ତି, ଅନ୍ୟ ବୃତ୍ତିରେ ଥିବା ମହିଳାମାନେ ଖୋଲାଖୋଲି ବାହାରକୁ ଆସି ସେମାନଙ୍କ ଅଙ୍ଗେନିଭା କଥା ବଖାଣୁଛନ୍ତି। ଏପରିକି ଗଣମାଧ୍ୟମ ପ୍ରତିନିଧି ବି ଏଥିରୁ ବାଦ୍ ପଡ଼ିନାହାନ୍ତି। ତେବେ ଚିନ୍ତାର ବିଷୟ ହେଲା, ବିପିଓ କ୍ଷେତ୍ର ସମେତ ହୋଟେଲ୍ ମ୍ୟାନେଜ୍‌ମେଣ୍ଟ, ସରକାରୀ ବିଭାଗ, ଲ' ଫାର୍ମ ତଥା ବିମାନ ଚଳାଚଳ ସଂସ୍ଥାରୁ ଏଭଳି ଅଭିଯୋଗ ଆସିନାହିଁ। ଏସବୁ ସଂସ୍ଥାରେ ବିଭିନ୍ନ ସମୟରେ ଉଭୟ ପୁଅ ଓ ଝିଅଙ୍କୁ ନିର୍ଯ୍ୟାତନା ଭୋଗିବାକୁ ପଡ଼େ। ଏଭଳି ନିର୍ଯ୍ୟାତନା ପଛରେ ଥାଏ କ୍ଷମତାର ଖେଳ। କୌଣସି ଯୁବକ ତାଙ୍କ ମହିଳା ବସ୍‌ଙ୍କ ଦ୍ୱାରା ଯୌନ ନିର୍ଯ୍ୟାତନାର ଶିକାର ହେଲେ ସେଭଳି ପ୍ରସଙ୍ଗ ପ୍ରାୟତଃ ବାହାରକୁ ଆସେନାହିଁ। ପ୍ରଶ୍ନ ହେଲା, ଏସବୁ କ'ଣ ନୂଆ କଥା? ଆମେ କ'ଣ ଆଗରୁ ଏହା ଜାଣିନଥିଲେ?

**ଅଶୋକ ସିଂ, କବି**

## ଆଗେଇ ଆସୁ ନାରୀ ସମାଜ

ଏବେ ଚାଲିଥିବା 'ମି ଠୁ ଇଣ୍ଡିଆ' ଆନ୍ଦୋଳନ ହିନ୍ଦୀ ଚଳଚ୍ଚିତ୍ର ଓ ଟିଭି ଜଗତ ସମେତ ଗଣମାଧ୍ୟମ ଜଗତରେ ହଇଚଇ ସୃଷ୍ଟି କରିଛି। ସେ ଯାହାହେଉ, ନାରୀକୁ ସରସ୍ୱତୀ, ଲକ୍ଷ୍ମୀ, ଦୁର୍ଗା ଓ କାଳୀ ରୂପରେ ପୂଜା କରୁଥିବା ଆମ ସମାଜ ଏଯାଏ କିଛି ଶିଖିପାରିନାହିଁ। ତେବେ ନାରୀ ଭାବରେ ଆମ ଭିତରୁ ଅଧିକାଂଶଙ୍କର ସେଭଳି କିଛି ନା କିଛି ତିକ୍ତ ଅନୁଭୂତି ଥିବ। ତେଣୁ ମୁଁ ସମସ୍ତ ନାରୀ, ପୁରୁଷ ଓ ତୃତୀୟ ଲିଙ୍ଗୀଙ୍କୁ ଆହ୍ୱାନ କରୁଛି, ସେମାନେ ମଧ୍ୟ ଆଗେଇଆସି ନିଜନିଜ ଶୋଷଣ ଓ ନିର୍ଯ୍ୟାତନାର କାହାଣୀ ସମସ୍ତଙ୍କ ଆଗରେ ବୟାନ୍ କରନ୍ତୁ। ଏଥିପାଇଁ ଲଜ୍ଜାବୋଧ କରିବାର ଆବଶ୍ୟକତା ନାହିଁ, ବରଂ ଅପରାଧୀମାନଙ୍କ ମୁଖା ଖୋଲିବାର ସମୟ ଆସିଛି। ମହିଳାମାନେ ମୁହଁ ଖୋଲିଲେ ହିଁ ଅନ୍ୟମାନେ ନିଶ୍ଚୟ ସାହସ ପାଇବେ। ଭାରତ ଭଳି ଦେଶରେ ଜଣେ ମହିଳା, ଅନ୍ୟ ମହିଳା ପାଇଁ ଆଗେଇ ଆସିବା ଦରକାର। ଏହା ହେଲେ ଯାଇ ଆମର ଭାବୀ ବଂଶଧର ବା ଝିଅମାନଙ୍କ ଲାଗି ଏ ଦେଶ ସୁରକ୍ଷିତ ହୋଇପାରିବ। ମହିଳାମାନେ ସେମାନଙ୍କ ନିର୍ଯ୍ୟାତନାର କାହାଣୀ ଥିଲେ ବର୍ଣ୍ଣନା କରନ୍ତୁ ଓ ଅପରାଧୀଙ୍କ ମୁଖା ଖୋଲିଦିଅନ୍ତୁ।

**ସିମ୍ପଲ୍ ମିଶ୍ର, ସାମ୍ବାଦିକ**

## କେବେ ବଦଳିବ ମାନସିକତା ?

ଗୁଜରାଟରେ ରହୁଥିବା ବିହାର ଓ ଉତ୍ତରପ୍ରଦେଶର ହିନ୍ଦୀ ଭାଷାଭାଷୀମାନଙ୍କୁ ବଳପୂର୍ବକ ହଟାଇ ଦିଆଯାଉଛି। ହଜାରହଜାର ଲୋକ ନିଜନିଜ ଭିଟାମାଟିକୁ ଫେରି ଆସିବାକୁ ବାଧ୍ୟ ହେଉଛନ୍ତି। ସବୁଠାରୁ ବଡ଼କଥା ହେଲା, ଏତେବଡ଼ ଘଟଣା ଘଟିଥିଲେ ବି ସେଠାକାର ରାଜ୍ୟ ସରକାର ନିରବ ଅଛନ୍ତି। ସରକାରର ଏହି ମୌନବ୍ରତ ଦେଖିଲେ ଲାଗୁଛି ଯେମିତି ସେହି ଲୋକମାନେ ନିଜ ଦେଶରେ ଶରଣାର୍ଥୀ କିମ୍ବା ଯେମିତି ଅନୁପ୍ରବେଶକାରୀ। ଏଭଳି ସମୟରେ କୁଆଡ଼େ ଗଲେ ହିନ୍ଦୀ ଭାଷାକୁ ନେଇ ବଡ଼ବଡ଼ କଥା କହୁଥିବା ମିଛ ମହାତ୍ମାମାନେ? କୁଆଡ଼େ ଗଲେ ସବ୍‌କା ସାଥ୍ ସବ୍‌କା ବିକାଶର ନାରା ଦେଉଥିବା ମହାପୁରୁଷ? ସେହିପରି କୁଆଡ଼େ ଗଲେ କୁହାଳିଆ ସମାଜବାଦୀ ଓ ମାନବାଧିକାର କର୍ମୀମାନେ? ଆଉ କୁଆଡ଼େ ଗଲେ ଗଣତନ୍ତ୍ରର ଚତୁର୍ଥ ଖୁଣ୍ଟିର ନୀତିବାନ ବଳଦସବୁ? 'ଜଣେ କେହି ଅପରାଧ ଘଟାଇଲେ ପୂରା ରାଜ୍ୟ ଦାୟୀ' ଏ ମାନସିକତାରୁ ଆମର ମୁକ୍ତି କେବେ?

**ଆଶୁତୋଷ ଆଚାର୍ଯ୍ୟ, ସମାଜସେବୀ**